ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Electronics and IT (OD)/ 593/08-07-2021**

# ଆଇଟି ବୃତ୍ତିଧାରୀଙ୍କ ଟିକାକରଣ କାର୍ଯ୍ୟର ତଦାରଖ କଲେ ମନ୍ତ୍ରୀ ତୁଷାରକାନ୍ତି ବେହେରା

ଭୁବନେଶ୍ୱର, ୦୮/୦୭/୨୦୨୧

ଆଜି ଓକାକ୍ ପକ୍ଷରୁ ଆଇଟି ବୃତ୍ତିଧାରୀଙ୍କ ଦ୍ୱିତୀୟ ଡୋଜ୍ ଟିକାକରଣ କାର୍ଯ୍ୟକୁ କ୍ରୀଡ଼ା ଓ ଯୁବସେବା, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ତଦାରଖ କରିଛନ୍ତି । ଓକାକ୍ ଟାୱାରଠାରେ ଅନୁଷ୍ଠିତ ଏହି ଟିକାକରଣ କାର୍ଯ୍ୟକ୍ରମରେ ଆଇଟି ବୃତ୍ତିଧାରୀ ଓ କର୍ମଚାରୀମାନେ ସାମିଲ ହୋଇ ଟିକା ନେଇଥିଲେ ।  ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ 'ସମସ୍ତେ ଟିକା ନିଅନ୍ତୁ ଏବଂ ସୁସ୍ଥ ରୁହନ୍ତୁ' ଆହ୍ୱାନକୁ ସଫଳ କରିବା ପାଇଁ ମନ୍ତ୍ରୀ ଶ୍ରୀ ବେହେରା ଏଠାରେ ଉପସ୍ଥିତ ରହି ସମସ୍ତଙ୍କୁ ଟିକା ନେବା ପାଇଁ ଉତ୍ସାହିତ କରିଥିଲେ । ଏଥି ସହିତ ଟିକା ନେଉଥିବା ସମସ୍ତେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ରକ୍ଷା କରିବା ଏବଂ ସରକାରଙ୍କ ପ୍ରଦତ୍ତ ସମସ୍ତ କୋଭିଡ୍ ମାର୍ଗଦର୍ଶିକାର ସଠିକ୍ ଅନୁପାଳନ ପାଇଁ ପରାମର୍ଶ ଦେଇଥିଲେ । ପୂର୍ବରୁ ଓକାକ୍ ପକ୍ଷରୁ ପ୍ରଥମ ଡୋଜ୍ ଟିକାକରଣ ଅନୁଷ୍ଠିତ ହୋଇଥିବାବେଳେ ଆଜି ଦ୍ୱିତୀୟ ଡୋଜ ଟିକାକରଣ ନେଇ ଆଇଟି ବୃତ୍ତିଧାରୀମାନେ ସନ୍ତୋଷ ବ୍ୟକ୍ତ କରିଥିଲେ । ଏହି ଗସ୍ତ ସମୟରେ ଓକାକ୍ ଜେନେରାଲ ମ୍ୟାନେଜର ମଧୁମିତା ରଥ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ସୁଜିତ ରଞ୍ଜନ ସ୍ୱାଇଁ
ସୂଚନା ଅଧିକାରୀ